# NATIONAL NEWS BULLETIN (ODIA)

**22 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ଭବିଷ୍ୟତରେ ଏ.ଆଇ.ର ବ୍ୟବହାର ନେଇ ମାର୍ଗ ସ୍ଥିର କରିଛି; କହିଲେ ପ୍ରଧାନମନ୍ତ୍ରୀ

– ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଓଡ଼ିଶାର ହିରୋଦ ପଟେଲଙ୍କ ଚାଷ ପ୍ରଣାଳୀକୁ କଲେ ପ୍ରଶଂସା

- ମିରଟଠାରେ ପ୍ରାୟ ୧୨ ହଜାର ୯୩୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶୁଭାରମ୍ଭ କରୁଛନ୍ତି ପ୍ରଧାନମନ୍ତ୍ରୀ
- ନୂଆଦିଲ୍ଲୀରେ ଆସନ୍ତା ମଙ୍ଗଳବାର ଦିନ ଅନୁଷ୍ଠିତ ହେବ ଭାରତୀୟ ନିର୍ବାଚନ କମିଶନ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ନିର୍ବାଚନ ଅଧିକାରୀଙ୍କ ଜାତୀୟ ସମ୍ମିଳନୀ
- ଲଣ୍ଡନରେ ଆଜି ଅନୁଷ୍ଠିତ ହେବ ୨୦୨୬ ବାଫ୍‌ଟା ଚଳଚ୍ଚିତ୍ର ପୁରସ୍କାର ସମାରୋହ

ଏବଂ

- ଟି-ଟ୍ୱେଣ୍ଟି ପୁରୁଷ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆଜି ଅନୁଷ୍ଠିତ ହେବ ସୁପର-୮ ପର୍ଯ୍ୟାୟ ମ୍ୟାଚ୍

# ପିଏମ୍- ମନ୍ କି ବାତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ଭବିଷ୍ୟତରେ ଏ.ଆଇ'ର ବ୍ୟବହାର ନେଇ ମାର୍ଗ ସ୍ଥିର କରିଛି। ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କ ସହ ଭାବବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବହୁ ରାଷ୍ଟ୍ରୀୟ ନେତା, ଶିଳ୍ପୋଦ୍ୟୋଗୀ, ନବସୃଜନକାରୀ ଏବଂ ଷ୍ଟାର୍ଟ-ଅପ୍ କ୍ଷେତ୍ର ସହିତ ଜଡ଼ିତ ଲୋକ ଏହି ସମ୍ମିଳନୀରେ ଏକତ୍ରୀତ ହୋଇଥିଲେ। କୃତ୍ରିମ ବୁଦ୍ଧିମତା ସାହାଯ୍ୟରେ ଭାରତ ପ୍ରାଚୀନ ଗ୍ରନ୍ଥ, ପାଣ୍ଡୁଲିପି ଏବଂ ତଥ୍ୟ ସଂରକ୍ଷଣରେ ଗ୍ରହଣ କରିଥିବା ପଦକ୍ଷେପକୁ ବିଭିନ୍ନ ରାଷ୍ଟ୍ର ସ୍ୱାଗତ କରିଛନ୍ତି। ଏ.ଆଇ. ପ୍ରଦର୍ଶନୀରେ ଅମୁଲର ପ୍ରଦର୍ଶନୀ ମଣ୍ଡପ ଏବଂ ସୁଶ୍ରୁତ ସଂହିତା ସମ୍ପର୍କିତ ବିବରଣୀ ଉପସ୍ଥାପନ ବିଶ୍ୱ ନେତୃବୃନ୍ଦଙ୍କୁ ପ୍ରଭାବିତ କରିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଭାରତର କ୍ଷମତାକୁ ସମ୍ପୂର୍ଣ୍ଣ ବିଶ୍ୱ ଜାଣିବାକୁ ପାଇଛି। ଏହି ସମ୍ମିଳନୀ ଅବସରରେ ଭାରତ ଆରମ୍ଭ କରିଥିବା ତିନୋଟି ମେକ୍ ଇନ୍ ଇଣ୍ଡିଆ ଏ.ଆଇ. ମଡେଲ ସମ୍ପର୍କରେ ସମଗ୍ର ବିଶ୍ୱ ଅବଗତ ହୋଇଛି।

V/O– MKB- AI MADE-IN-INDIA

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଚାଷୀ ଏବେ ଉତ୍ପାଦନ ସହିତ ଗୁଣବତ୍ତା, ମୂଲ୍ୟ ଶୃଙ୍ଖଳ ଏବଂ ନୂତନ ବଜାର ଉପରେ ଧ୍ୟାନ ଦେଉଛନ୍ତି। ଓଡ଼ିଶାର ହିରୋଦ ପଟେଲଙ୍କ ଚାଷ କାର୍ଯ୍ୟ ଉପରେ ଆଲୋକପାତ କରି ସେ କହିଛନ୍ତି, ଜମିର ଉଚିତ ବ୍ୟବହାର, ଜଳସଞ୍ଚୟ ଏବଂ ଅତିରିକ୍ତ ଆୟ ସମ୍ଭାବନାକୁ ସେ ସାକାର କରିପାରିଛନ୍ତି। ଶ୍ରୀ ପଟେଲ ତାଙ୍କ ଫାର୍ମର ପୋଖରୀ ଉପରେ ଏକ ଦୃଢ଼ ଜାଲି ଗଠନ କରି ସେଥିରେ ଲତା, ପନିପରିବା ଚାଷ କରିଛନ୍ତି। ପୋଖରୀର ଚାରି ପାଖରେ

କଦଳୀ, ଗୁଆ ଏବଂ ନଡ଼ିଆଗଛ ଲଗାଇବା ସହ ପୋଖରୀରେ ମାଛ ଚାଷ କରୁଛନ୍ତି। ଦୂରଦୂରାନ୍ତରୁ ଚାଷୀମାନେ ତାଙ୍କର ଏହି ପ୍ରୟାସକୁ ଗ୍ରହଣ କରିବା ପାଇଁ ଫାର୍ମ ହାଉସ୍ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଶ୍ରୀ ମୋଦୀ କେରଳ ତଥା ଦେଶର ଅନ୍ୟାନ୍ୟ କେତେକ ପ୍ରାନ୍ତରେ କୃଷି ଉତ୍ପାଦ ଉପରେ ଆଲୋକପାତ କରିଛନ୍ତି। ଏହି ଉତ୍ପାଦ ଏବେ ଆକାଶପଥରେ ସହଜରେ ବିଦେଶରେ ପହଁଞ୍ଚିପାରୁଛି। ଶ୍ରୀ ମୋଦୀ' କୃଷି ଉତ୍ପାଦ ଗୁଡ଼ିକର ସ୍ୱାଦ, ଗୁଣବତ୍ତା ଏବଂ ଜି.ଆଇ. ଟ୍ୟାଗ୍ ଉପରେ ଆଲୋକପାତ କରିଛନ୍ତି।

ଡିଜିଟାଲ ଠକେଇ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। କେ.ଓ୍ୱାଇ.ସି. କିମ୍ବା ପୁନଃ କେ.ଓ୍ୱାଇ.ସି. କେବଳ ବ୍ୟାଙ୍କ ଶାଖା, ସରକାରୀ ଆପ୍ ଏବଂ ନିର୍ଦ୍ଧାରିତ ମାଧ୍ୟମରେ ବ୍ୟବହାର କରାଯିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଓ.ଟି.ପି. ଆଧାର ନମ୍ବର କିମ୍ବା ବ୍ୟାଙ୍କ ଆକାଉଣ୍ଟ ସୂଚନା ଅନ୍ୟ କାହାକୁ ପ୍ରଦାନ ନକରିବାକୁ ପରାମର୍ଶ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ସମ୍ପ୍ରତି ଏକ ଆର୍ଥିକ ସାକ୍ଷରତା ସପ୍ତାହ ପାଳନ କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ଏଭଳି ଅଭିଯାନ ବର୍ଷ ବ୍ୟାପୀ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

V/O–MKB--DIGITAL-AAREST

ଶ୍ରୀ ମୋଦୀ ଅଙ୍ଗଦାନ ସମ୍ପର୍କରେ ଆଲୋକପାତ କରି ଆବଶ୍ୟକ କରୁଥିବା ଲୋକଙ୍କୁ ସାହାଯ୍ୟ କରିବା ସହିତ ଚିକିତ୍ସା ଗବେଷଣା କ୍ଷେତ୍ରକୁ ଅଧିକ ସଶକ୍ତ କରିବାକୁ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତାକାଲି ରାଷ୍ଟ୍ରପତି ଭବନରେ ରାଜାଜୀ ଉତ୍ସବ ପାଳନ ହେବାକୁ ଯାଉଛି। ଏହି ଅବସରରେ ରାଷ୍ଟ୍ରପତି ଭବନର କେନ୍ଦ୍ରୀୟ

ପ୍ରାଙ୍ଗଣରେ ସି.ରାଜଗୋପାଳଚାରୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବ। ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଏହି ସମାରୋହ ଜାରି ରହିବା ସହ ଏକ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ ବୋଲି ଶ୍ରୀ ମୋଦୀ ସୂଚନା ପ୍ରଦାନ କରିଛନ୍ତି।

ଛାତ୍ରଛାତ୍ରୀଙ୍କୁ ଚାପଗ୍ରସ୍ତ ନ ହୋଇ ଆନ୍ତରିକତା ଓ ମାନସିକ ଦୃଢ଼ତାର ସହ ପରୀକ୍ଷା ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପରିଶ୍ରମର ମୂଲ୍ୟ କେବଳ ମାର୍କସିଟ୍‌ରେ ନିର୍ଦ୍ଧାରିତ ହୁଏ ନାହିଁ ବରଂ ଆତ୍ମବିଶ୍ୱାସ ହିଁ ଛାତ୍ରଛାତ୍ରୀଙ୍କୁ ସଫଳତାର ନୂତନ ଶିଖରରେ ପହଁଞ୍ଚାଇବ ବୋଲି ଶ୍ରୀ ମୋଦୀ କହିଛନ୍ତି। ରମଜାନ୍ ଏବଂ ହୋଲି ପର୍ବ ଅବସରରେ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଭୋକାଲା ଫର୍ ଲୋକାଲ ଦୃଷ୍ଟିକୋଣକୁ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି।

# ପିଏମ୍-ମିରଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମିରଟର ଶତାବ୍ଦୀ ନଗର ନମୋ ଭାରତ ଷ୍ଟେସନ୍‌ଠାରେ ମିରଟ ମେଟ୍ରୋ ଏବଂ ନମୋ ଭାରତ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ମିରଟ ଦକ୍ଷିଣ ଷ୍ଟେସନ୍ ପର୍ଯ୍ୟନ୍ତ ଶ୍ରୀ ମୋଦୀ ମେଟ୍ରୋ ଯୋଗେ ଯାତ୍ରା କରିଥିଲେ। ଦିଲ୍ଲୀ ମିରଟ ନମୋ ଭାରତ ୮୨ କିଲୋମିଟର କରିଡରକୁ ଶ୍ରୀ ମୋଦୀ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଦେଶର ପ୍ରଥମ ନମୋ ଭାରତ ଆଞ୍ଚଳିକ ଦ୍ରୁତ ପରିବହନ ପ୍ରଣାଳୀର ଅବଶିଷ୍ଟ ଅଂଶକୁ ମଧ୍ୟ ଶ୍ରୀ ମୋଦୀ ଆଜି ଉଦ୍‌ଘାଟନ କରିଛନ୍ତି। ଏଥିମଧ୍ୟରେ ଦିଲ୍ଲୀର ସରାଇକାଲେ ଖାନ୍ ଏବଂ ନ୍ୟୁ ଅଶୋକ ନଗର ମଧ୍ୟମରେ ୫ କିଲୋମିଟର ଓ ଉତ୍ତରପ୍ରଦେଶର ମିରଟର ଦକ୍ଷିଣ ଓ ମୋଦୀପୁରମ ମଧ୍ୟରେ ୨୧ କିଲୋମିଟର ସେକସନ୍ ଅନ୍ତର୍ଭୁକ୍ତ। ମିରଟଠାରେ ଶ୍ରୀ ମୋଦୀ ପ୍ରାୟ ୧୨ ହଜାର ୯୩୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶୁଭାରମ୍ଭ କରିବା ସହ ସମାବେଶରେ ଯୋଗ ଦେଇଛନ୍ତି।

# ଇସିଆଇ ନ୍ୟାସନାଲ କନଫରେନ୍ସ

ନୂଆଦିଲ୍ଲୀରେ ଆସନ୍ତା ମଙ୍ଗଳବାର ଦିନ ଭାରତୀୟ ନିର୍ବାଚନ କମିଶନ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ନିର୍ବାଚନ ଅଧିକାରୀଙ୍କ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। କମିଶନଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀରେ ଆୟୋଜିତ ହେବ। ନିର୍ବାଚନ ପ୍ରକ୍ରିୟା ଏବଂ ଏହାର ପରିଚାଳନା ସମ୍ପର୍କରେ ପ୍ରସ୍ତୁତି ତଥା ସ୍ୱଚ୍ଛ ଓ ଅବାଧ ନିର୍ବାଚନର କାର୍ଯ୍ୟକାରିତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଏହି ସମ୍ମିଳନୀରେ ଆୟୋଜନ କରାଯାଉଛି। ଏହି ଦିନିକିଆ ସମ୍ମିଳନୀ ଅବସରରେ ନିର୍ବାଚନ ପ୍ରକ୍ରିୟାରେ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ଇଭିଏମ୍ ଏବଂ ଭୋଟର ତାଲିକା ପ୍ରସ୍ତୁତି ଉପରେ ମତବିନିମୟ ହେବାର ଆଶା କରାଯାଉଛି। ଇ.ସି.ଆଇ. ନେଟ୍ ପ୍ଲାଟଫର୍ମର ଉପଯୋଗ ଉପରେ ଏହି ସମ୍ମିଳନୀରେ ଗୁରୁତ୍ୱ ପ୍ରଦାନ କରାଯିବ। ୨୭ ବର୍ଷର ବ୍ୟବଧାନ ପରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଗତ ୧୯୯୯ ମସିହାରେ ଏହି ସମ୍ମିଳନୀ ଶେଷଥର ପାଇଁ ଆୟୋଜିତ ହୋଇଥିଲା ବୋଲି କମିଶନଙ୍କ ପକ୍ଷରୁ କୁହାଯାଇଛି।

# ଇଣ୍ଡିଆ-ୟୁଏସ୍ ଅପରଚ୍ୟୁନିଟି

ଆମେରିକାର ଉପସଚିବ ଜ୍ୟାକବ୍ ଏସ୍ ହେଲବର୍ଗ କହିଛନ୍ତି, ଆମେରିକା ଏବଂ ଭାରତ କୃତ୍ରିମ ବୁଦ୍ଧିମତା କ୍ଷେତ୍ରର ବିକାଶ ନେଇ ଦ୍ୱିପାକ୍ଷିକ ମିଳିତ ବିବୃତିରେ ସ୍ୱାକ୍ଷର କରିଛନ୍ତି। ପ୍ରଯୁକ୍ତିବିଦ୍ୟା ନବସୃଜନକୁ ତ୍ୱରାନ୍ୱିତ କରିବା ଏବଂ ନିବେଶ ପ୍ରୋତ୍ସାହନ କରୁଥିବା ବ୍ୟବସ୍ଥାକୁ ଗ୍ରହଣ କରିବା ନେଇ ଉଭୟ ପକ୍ଷ ନିଜର ଅଙ୍ଗୀକାରବଦ୍ଧତାକୁ ପ୍ରକାଶ କରିଛନ୍ତି ବୋଲି ଶ୍ରୀ ହେଲବର୍ଗ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି। ସେ କହିଛନ୍ତି, ଉଭୟ ଦେଶ ପ୍ରାକ୍ ଗବେଷଣା ନିୟାମକ ପରିବେଶକୁ ଅଧିକ ସୁଦୃଢ଼

କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ନବସୃଜନ କ୍ଷେତ୍ର ପ୍ରୋତ୍ସାହିତ ହେବା ସହ ବିଭିନ୍ନ କ୍ଷେତ୍ରକୁ ସଶକ୍ତ କରିବ। ସୁରକ୍ଷିତ ଏବଂ ବିଶ୍ୱସ୍ତ ଏ.ଆଇ. ଇକୋସିଷ୍ଟମ ନିର୍ମାଣ ପାଇଁ ଉଭୟ ଦେଶ ସମ୍ମିଳିତ ଉଦ୍ୟମ କରିବେ ବୋଲି ଶ୍ରୀ ହେଲବର୍ଗ ଆଶାବ୍ୟକ୍ତ କରିଛନ୍ତି। ଭବିଷ୍ୟତ ଯୋଗାଣ ଶୃଙ୍ଖଳକୁ ସହଯୋଗ ପ୍ରଦାନ ଲକ୍ଷ୍ୟ ନେଇ ପାକ୍ସ ସିଲିକା ଫ୍ରେମ୍‌ୱର୍କ ଅଧୀନରେ ଫିଜିକାଲ ଏ.ଆଇ. ଷ୍ଟାକ୍'କୁ ମଜଭୁତ କରିବାରେ ଉଭୟ ପକ୍ଷ ସହମତ ହୋଇଥିବା ସେ କହିଛନ୍ତି। ବିରଳ ଖଣିଜ ପଦାର୍ଥ ଉତ୍ପାଦନ, ମାନବ ସମ୍ବଳର ସଦୁପଯୋଗ ଏବଂ ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଗବେଷଣା ଓ ବିକାଶ ପ୍ରକଳ୍ପ ନେଇ ସମ୍ମିଳିତ ଉଦ୍ୟମ ଉପରେ ଶ୍ରୀ ହେଲବର୍ଗ ଗୁରୁତ୍ୱ ପ୍ରଦାନ କରିଛନ୍ତି।

# ବାପ୍ଟା ପୁରସ୍କାର-୨୦୨୬

ଲଣ୍ଡନର ରୟାଲ ଫେଷ୍ଟିଭାଲ ହଲ୍‌ରେ ଆଜି ରାତିରେ ୨୦୨୬ ବାଫ୍‌ଟା ଚଳଚ୍ଚିତ୍ର ପୁରସ୍କାର ସମାରୋହ ଅନୁଷ୍ଠିତ ହେବ। ବାଫ୍‌ଟାର ଅଫିସିଆଲ ୟୁଟ୍ୟୁବ୍ ଚ୍ୟାନେଲରେ କାର୍ଯ୍ୟକ୍ରମର ପ୍ରସାରଣ କରାଯିବ। ଚଳଚ୍ଚିତ୍ର 'ୱାନ୍ ବ୍ୟାଟଲ ଆଫ୍ଟର ଆନାଦର' ୧୪ଟି ବର୍ଗରେ ନାମାଙ୍କନ ହାସଲ କରି ଶୀର୍ଷରେ ରହିଥିବା ବେଳେ 'ସିନର୍ସ' ଚଳଚ୍ଚିତ୍ର ୧୩ଟି ଏବଂ 'ହାମନେଟ୍' ଓ 'ମାର୍ଟି ସୁପ୍ରିମ' ପ୍ରତ୍ୟେକ ୧୧ଟି ଲେଖାଏଁ ନାମାଙ୍କନ ସହିତ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଭାରତୀୟ ଚଳଚ୍ଚିତ୍ର 'ବୁଙ୍ଗ୍' ଶ୍ରେଷ୍ଠ ଶିଶୁ ଏବଂ ପାରିବାରିକ ଚଳଚ୍ଚିତ୍ର ବର୍ଗ ପାଇଁ ମନୋନୀତ ହୋଇଛି। ଲକ୍ଷ୍ମୀପ୍ରିୟା ଦେବୀଙ୍କ ନିର୍ଦ୍ଦେଶିତ ଏହି ମଣିପୁରୀ ଚଳଚ୍ଚିତ୍ର ରିତେଶ ସିଦ୍ଧୱାନୀ ଏବଂ ଫରାହାନ୍ ଅଖ୍‌ତରଙ୍କ ଦ୍ୱାରା ନିର୍ମାଣ କରାଯାଇଛି।

# ମାଇକ୍ରୋସଫ୍ଟ ଗେମିଂ ସିଇଓ

ମାଇକ୍ରୋସଫ୍ଟ ଗେମିଂର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ଭାରତୀୟ ବଂଶୋଦ୍ଭବ ଆଶା ଶର୍ମା ନିଯୁକ୍ତ ହୋଇଛନ୍ତି। ମାଇକ୍ରୋସଫ୍ଟର ଅଧ୍ୟକ୍ଷ ତଥା ସି.ଇ.ଓ. ସତ୍ୟ ନାଡେଲା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଗତ ଦୁଇ ବର୍ଷ ଧରି ମାଇକ୍ରୋସଫ୍ଟରେ ତାଙ୍କର ଦକ୍ଷତା ଏବଂ ପୂର୍ବରୁ ଇନ୍‌ଷ୍ଟାକାର୍ଟରେ ମୁଖ୍ୟ ପରିଚାଳନା ଅଧିକାରୀ ଓ ମେଟାରେ ଉପାଧ୍ୟକ୍ଷ ଭାବେ କାର୍ଯ୍ୟକରି ଆଶା ଶର୍ମା ତାଙ୍କର ଦକ୍ଷତା ପ୍ରତିପାଦନ କରିଛନ୍ତି। ଏହି ନିଯୁକ୍ତି ସହ ବିଭିନ୍ନ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକରେ ନେତୃତ୍ୱ ନେଉଥିବା ଭାରତୀୟ ବଂଶୋଦ୍ଭବଙ୍କ ବର୍ଦ୍ଧିତ ତାଲିକାରେ ଆଶା ଶର୍ମା ସାମିଲ ହୋଇଛନ୍ତି।

# କ୍ରିକେଟ୍ ଟି-୨୦ ଡବ୍ଲ୍ୟୁ.ସି.

ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ ବିଶ୍ୱକପ୍ ୨୦୨୬ ରେ, ଭାରତ ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସୁପର ୮ ଅଭିଯାନ ଆରମ୍ଭ କରିବ। ମ୍ୟାଚ୍ ସନ୍ଧ୍ୟା ୭ ଟାରେ ଆରମ୍ଭ ହେବ। ଭାରତ ସମସ୍ତ ଚାରୋଟି ମ୍ୟାଚ୍ ଜିତିବା ପରେ ଗ୍ରୁପ୍ ସ୍ତରର ଶୀର୍ଷରେ ରହିଥିଲା।

କଲମ୍ବୋରେ ଗତକାଲି ପ୍ରବଳ ବର୍ଷା ଯୋଗୁଁ ନ୍ୟୁଜିଲାଣ୍ଡ ଏବଂ ପାକିସ୍ତାନ ମଧ୍ୟରେ ପ୍ରଥମ ସୁପର ୮ ମ୍ୟାଚ ସମ୍ଭବ ହୋଇପାରିନଥିଲା। ଫଳରେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି ।

........................................................................................................